ଓଡ଼ିଶା ବିଧାନସଭା ସଚିବାଳୟ

***** (ହସ୍ତଲିଖିତ)

ସଂଖ୍ୟା. (ହସ୍ତଲିଖିତ)/ବି.ସ.,

ଭୁବନେଶ୍ୱର, ତା. (ହସ୍ତଲିଖିତ) 2020ରିଖ।

ପ୍ରେଷକ,

ଶ୍ରୀ ଦାଶରଥୀ ଶତପଥୀ, ଭା.ପ୍ର.ସେ.,

ସଚିବ ।

ପ୍ରାପ୍ତେଷୁ,

ସମସ୍ତ ମାନ୍ୟବର ସଦସ୍ୟ/ସଦସ୍ୟା ।

ମହାଶୟ/ମହାଶୟା,

ନିର୍ଦ୍ଦେଶକ୍ରମେ ମୁଁ ଜଣାଉଅଛି ଯେ, ଆଜି ତା.03.10.2020ରିଖ ଓଡ଼ିଶା ବିଧାନସଭା ବୈଠକରେ ମାନ୍ୟବର ବାଚସ୍ପତି ନିମ୍ନମତେ ଘୋଷଣା କରିଛନ୍ତି:-

"ମାନ୍ୟବର ସଦସ୍ୟ, ସଦସ୍ୟାମାନଙ୍କୁ ତା.04.10.2020ରିଖ ଦିନ ବିଧାନସଭା ପରିସରରେ ପୁର୍ନଃବାର COVID RT-PCR ପରୀକ୍ଷା କରିବା ନିମନ୍ତେ ବିଧାନସଭା ସଚିବାଳୟ ପତ୍ର ସଂଖ୍ୟା 5359 /ବି.ସ., ତା.14.09.2020ରିଖ ଦିନ ଜଣାଇ ଦିଆଯାଇଥିଲା । ବର୍ତ୍ତମାନ ପରିପ୍ରେକ୍ଷୀରେ ମାନ୍ୟବର ସଦସ୍ୟ, ସଦସ୍ୟାମାନଙ୍କ ଆସନ୍ତା ତା.04.10.2020ରିଖ ଦିନ RT-PCR ପରୀକ୍ଷା କରା ନ ଯାଇ ବିଧାନସଭା ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ପରୀକ୍ଷା କରାଯିବ । ଉକ୍ତ ପରୀକ୍ଷାରେ ଯେଉଁ ମାନଙ୍କର ତାପମାତ୍ରା ଅଧିକ ରହିବ ଏବଂ ଯେଉଁ ସଦସ୍ୟ, ସଦସ୍ୟାମାନେ ନିଜକୁ ଅସୁସ୍ଥତା ଅନୁଭବ କରିବେ ସେମାନେ ବିଧାନସଭା ପରିସରରେ ଥିବା COVID ANTIGEN ପରୀକ୍ଷା କରିପାରିବେ ।

ଏତଦ ବ୍ୟତୀତ ବିଧାନସଭା ଅଧିବେଶନର ଶେଷ ବୈଠକ ଦିବସ ପରଦିନ ସଦସ୍ୟ, ସଦସ୍ୟାମାନେ ବିଧାନସଭା ପରିସରରେ ପୁନଶ୍ଚ COVID RT-PCR ଟେଷ୍ଟ କରିପାରିବେ ।"

ଏହା ଆପଣଙ୍କ ସଦୟ ଅବଗତି ନିମନ୍ତେ ।

ଦାଶରଥୀ ଶତପଥୀ (ସ୍ୱାକ୍ଷର)

ସଚିବ

ଜ୍ଞାପକ ସଂଖ୍ୟା. ୨୦୪୨ (୧) /ବି.ସ., ଭୁବନେଶ୍ୱର ତା. ୩.୧୦. 2020ରିଖ ।

ଏହାର ଏକକିତା ନକଲ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ/ କମିଶନର, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱରଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପୁନଶ୍ଚ, ଉପରୋକ୍ତ ଘୋଷଣା ଅନୁଯାୟୀ ମାନ୍ୟବର ବିଧାୟକ/ବିଧାୟିକା ମାନଙ୍କ COVID 19 RT-PCR ପରୀକ୍ଷା କରିବା ନିମନ୍ତେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ ।

ସଚିବ ୦୩/୧୦/୨୦୨୦

ଜ୍ଞାପକ ସଂଖ୍ୟା. ୨୦୪୬ (୨) /ବି.ସ., ଭୁବନେଶ୍ୱର ତା. ୩.୧୦. 2020ରିଖ ।

ଏହାର ଏକକିତା ନକଲ ମାନ୍ୟବର ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ/ମାନ୍ୟବର ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ/ ସଚିବଙ୍କ ବ୍ୟକ୍ତିଗତ ସଚିବ/ ନିରାପତ୍ତା ଅଧିକାରୀ, ଓଡ଼ିଶା ବିଧାନସଭା ସଚିବାଳୟ/ ତତ୍ତ୍ୱାବଧାରକ, ଓଡ଼ିଶା ବିଧାନସଭା ସଚିବାଳୟ/ ବିଧାନ ଉପବିଭାଗ (5କିତା ନକଲ)ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୦୩/୧୦/୨୦୨୦